# ବୈଜ୍ଞାନିକ ଜାଗୃତି ଅଭିଯାନ

## କରୋନା ମହାମାରୀ : ବିଜ୍ଞାନ ସମାପ୍ତ କରେ ଭ୍ରାନ୍ତି

**"କରୋନା ଅଟେ ମହାମାରୀ, ଅନ୍ଧ ବିଶ୍ୱାସ ତାକୁ ପାରେନା ମାରି ।**
**ବିଜ୍ଞାନ ଦେଉଛି ବାର୍ତ୍ତା ସଭିଙ୍କୁ ବାଟ ନହୁଡ଼ି ଚାଲ ଆଗକୁ ।।**

କରୋନା ମହାମାରୀ ସମଗ୍ର ବିଶ୍ୱରେ ମାଡ଼ିଯାଇଛି, ବିଶ୍ୱରେ ୨କୋଟି ୨୦ ଲକ୍ଷ ଲୋକ (ଏହା ଲେଖିବା ସମୟ ପର୍ଯ୍ୟନ୍ତ) କରୋନା ଦ୍ୱାରା ସଂକ୍ରମିତ ହୋଇସାରିଛନ୍ତି । ସବୁଠାରୁ ଅଧିକ ମାତ୍ରାରେ ସଂକ୍ରମିତ ହୋଇଛି ଆମେରିକା । ଭାରତ ଏହି ସଂକ୍ରମିତଙ୍କ ସଂଖ୍ୟାରେ ବିଶ୍ୱରେ ବର୍ତ୍ତମାନ ତୃତୀୟ ସ୍ଥାନରେ ଅଛି । ଆମ ଦେଶରେ ପ୍ରତିଦିନ ୫୦,୦୦୦ରୁ ଅଧିକ ଲୋକ କରୋନା ଦ୍ୱାରା ସଂକ୍ରମିତ ହେଉଛନ୍ତି । ଏହି ରୋଗ ପ୍ରଥମେ ୩୦ ଡିସେମ୍ବର ୨୦୧୯ରେ ଚୀନ୍ ର ଉହାନ ସହରରେ ଚିହ୍ନଟ ହୋଇଥିଲା । ସେହି ସମୟରେ ଏହି ଭୂତାଣୁ ବୀ ଭାଇରସ୍ ଅନ୍ୟ ଦେଶକୁ ମଧ୍ୟ ବ୍ୟାପିଯାଇଥିଲା । ଭାରତରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲା ୩୦ ଜାନୁଆରୀ ୨୦୨୦ରେ କେରଳରେ । ୩୦ ଜାନୁଆରୀରେ ହିଁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଜରୁରୀ ପରିସ୍ଥିତି ଘୋଷଣା କରିଦେଲେ ଏବଂ ୧୧ ମାର୍ଚ୍ଚରେ ଏହାକୁ ବିଶ୍ୱ ମହାମାରୀ ବୋଲି ଘୋଷଣା କରିଥିଲେ ।

କରୋନା ସଂକ୍ରମଣର ଲକ୍ଷଣ - ଅଧିକ ଜ୍ୱର, କାଶିବା ଓ ସର୍ଦ୍ଦି, ନିଶ୍ୱାସ ନେବାରେ କଷ୍ଟ ହେବା । କରୋନା ଭାଇରସ୍ ଫୁସ୍‌ଫୁସ୍‌କୁ ଯାଇ ତାକୁ ପ୍ରଭାବିତ କରେ । ସେଠାରେ ରହିବା ଆରମ୍ଭ କରେ । ଟିକା ଦ୍ୱାରା ଲୋକଙ୍କୁ ଏଥିରୁ ସୁରକ୍ଷିତ କରାଯାଇ ପାରିବ । ଝଡ଼ ଫୁଙ୍କା ଦ୍ୱାରା ନୁହେଁ । ଟିକା ୨୦୨୧ ପୂର୍ବରୁ ହେଇ ପାରିବା କଷ୍ଟକର । ଏହାର କାରଣ - ଯେତେବେଳେ ନୂଆ କୌଣସି ଔଷଧ ବା ଟୀକା ତିଆରି କରାଯାଏ- ଏହାକୁ ଅନେକ ସୋପାନ ଦେଇ ମନୁଷ୍ୟ ଉପରେ ପରୀକ୍ଷଣ କରାଯାଏ । ଯେତେବେଳେ ଏହି ପରୀକ୍ଷଣ ପୁରାପୁରି ସଫଳ ହେଇଯାଏ, ତେବେଯାଇ ସାଧାରଣ ଲୋକଙ୍କ ମଧ୍ୟରେ ଏହା ବ୍ୟବହାର କରାଯାଏ । ଏଠି ଏହା ଜଣାଇ ଦେବା ନିହାତି ଜରୁରୀ ଯେ ବିଶ୍ୱରେ ୨୦୦ରୁ ଅଧିକ ସଂସ୍ଥା ଟିକା ତିଆରି ଦୌଡ଼ରେ ସାମିଲ ଅଛନ୍ତି । ଏହି ପ୍ରକ୍ରିୟାରେ ଇଂଲଣ୍ଡର ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ସର୍ବପ୍ରଥମ ସ୍ଥାନରେ ଅଛି । ଯେପର୍ଯ୍ୟନ୍ତ ଟିକା ଆସି ନାହିଁ, ସେତେଦିନ ଯାଏଁ ଆମକୁ ସାବଧାନ ରହିବାକୁ ହେବ । ଏହା ଦ୍ୱାରା ଆମେ ସଂକ୍ରମିତ ହେବାରୁ ସୁରକ୍ଷା ପାଇପାରିବା । ବିଜ୍ଞାନ ଆମକୁ ଜଣାଏ- ଡ଼ର ନାହିଁ, ହେଲେ ସାବଧାନ ରୁହ । ସାଧାରଣ ଲୋକଙ୍କୁ ଏହା ଜଣା ନାହିଁ ଯେ ଥରକୁ ଥର ସାବୁନରେ ହାତ ଧୋଇବା , ମାସ୍କ ବ୍ୟବହାର କରିବା, ଲୋକଙ୍କ ଠାରୁ ଦୂରରେ ରହିବା- ଯାହାକୁ ସାମାଜିକ ଦୂରତା ରକ୍ଷା କରିବା କୁହାଯାଏ, ତାହାଦ୍ୱାରା ସଂକ୍ରମଣରୁ ନିଜକୁ ସୁରକ୍ଷିତ ରଖାଯାଇଥାଏ । ଲକ୍ଷଣ ଦେଖା ଗଲେ ପରୀକ୍ଷା କରାଇ ନେବା ଓ ରୋଗ ସଂକ୍ରମିତ ହୋଇଥିଲେ ଅଲଗା ରହିବାକୁ ହେବ ।

ମାତ୍ର କରୋନାକୁ ନେଇ ଯେତିକି ଭୟ ସୃଷ୍ଟି ହୋଇଛି, ସେହି ପରିମାଣରେ ଭ୍ରାନ୍ତ ଧାରଣାର ମଧ୍ୟ ପ୍ରଚାର ହୋଇଛି ସେଗୁଡ଼ିକ ହେଲା;

- ଗ୍ରୀଷ୍ମପ୍ରବାହ ଦେଶରେ ଏହାର ସଂକ୍ରମଣ କମ୍ ହେବ ।
- ଗରମ ପାଣି ପିଇଲେ କରୋନା ଭଲ ହେଇଯିବ ।
- ଚାହା ପିଇଲେ ରୋଗରୁ ରକ୍ଷା ମିଳିବ ।
- ଯଦି ଜଣକୁ କରୋନା ହେବ ତେବେ ସମସ୍ତେ ସଂକ୍ରମିତ ହେବେ ।
- କରୋନା ରେ ମୃତ୍ୟୁ ସୁନିଶ୍ଚିତ ।

ସମୟ ସହିତ ଏହି ଭ୍ରାନ୍ତି ଭୁଲ ବୋଲି ଜଣାଗଲା । କିନ୍ତୁ ସାଧାରଣ ଲୋକଙ୍କ ମଧ୍ୟରେ ସେହିସବୁ ଡର ରହିଲା । କରୋନା ସଂକ୍ରମଣ ନିଶ୍ଚିତ ଭାବେ ବଢ଼ି ଚାଲିଛି । ହେଲେ ଅନ୍ୟ ରୋଗରେ ମୃତ୍ୟୁ ହେବା ସଂଖ୍ୟା ତୁଳନାରେ ଏହା କମ ଥିଲା । ସମାଜ ମଧ୍ୟ ଏହି ଭ୍ରାନ୍ତିକୁ ମାନିନେବା ଦ୍ୱାରା ସାଧାରଣ ଲୋକଙ୍କ କ୍ଷତି ହୁଏ । ଏହା ସହିତ ମଧ୍ୟ ସ୍ୱାର୍ଥନିହିତ ଅଛି । ଏହି ସ୍ୱାର୍ଥଟି ହେଲା ପରିସ୍ଥିତିରୁ ଫାଇଦା ଉଠାଇ ଲାଭ ଉପାର୍ଜନ କରିବା । ସେଥିପାଇଁ ହିଁ ଅନ୍ଧବିଶ୍ୱାସର ଆଶ୍ରୟ ନିଆଯାଏ । ମିଡ଼ିଆ ମଧ୍ୟ ସେମାନଙ୍କ ସାଙ୍ଗ ହେଇଥାଏ । ଏତିକି ନୁହେଁ, ଏହି ମହାମାରୀ ସମ୍ପର୍କରେ ଅପପ୍ରଚାର କରାଯାଇ ଗୋଟିଏ ସମୁଦାୟ ମୁଣ୍ଡରେ ଅଠା ବୋଳି ତାଙ୍କ ଦ୍ୱାରା ଏହା ସଂକ୍ରମିତ ବୋଲି ଦୋଷ ଲଦି ଦିଆଗଲା । ସାଧାରଣ ଲୋକ ଏହି କଥା ଜାଲରେ ପଡ଼ିଗଲେ ଓ ପଶୁବଳି, ଦେବୀ ପୂଜା, ଦ୍ୱାରା ଏହି ରୋଗରୁ ମୁକ୍ତ ହେବା ବାଟ ଖୋଜିଲେ । ଏପରି ଅପପ୍ରଚାର ଯୋଜନା ବହୁ ଭାବେ କରାଯାଏ । ଦେବୀଙ୍କ ପ୍ରକୋପ କହି ମହିଳାଙ୍କ ଉପରେ ଅତ୍ୟାଚାର ହୁଏ । ଯାହାଫଳରେ ମହିଳା ବିରୋଧି ବାତାବରଣ ସୃଷ୍ଟି କରାଯାଏ । ଏତିକି ନୁହେଁ– ବିନା କୌଣସି ପରୀକ୍ଷା ଓ ପ୍ରମାଣ ବିନା ଔଷଧ ବଜାରରେ ବିକ୍ରି କରିବା ଆରମ୍ଭ କରାଯାଇଛି । ଯେତେବେଳେ ଏହାର ବିରୋଧ କରାଗଲା, ସେତେବେଳେ ଏହା ମହାମାରୀର ପ୍ରତିରୋଧକ ବୋଲି କହି ଦିଆଗଲା । ଏ ସମସ୍ତ ଅବୈଜ୍ଞାନିକ କଥା ଜରିଆରେ ଭ୍ରମ ସୃଷ୍ଟି କରାଗଲା ଓ ଲୋକଙ୍କ ନମୂନା ପରୀକ୍ଷାରେ ଅବହେଳା କରାଗଲା ।

ଏହିପରି ସ୍ଥିତିରେ ଡାକ୍ତରଖାନା, ସ୍ୱାସ୍ଥ୍ୟସୁବିଧା, ସ୍ୱାସ୍ଥ୍ୟ କର୍ମୀ, ଔଷଧ ଉପଲବ୍ଧି ସଂସ୍ଥା, ବିନା ମୂଲ୍ୟର ସେବା, ପରୀକ୍ଷା କେତେକ ଦାୟିତ୍ୱରୁ ସରକାର ଓ ପ୍ରଶାସନ ବଞ୍ଚିଯାନ୍ତି । ଅନ୍ୟ ଦିଗରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ପୁଲିସ୍‌କର୍ମୀ ଲୋକଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜେ ମୃତ୍ୟୁ ମୁଖରେ କବଳିତ ହୋଇଯାନ୍ତି । ସାଧାରଣ ଲୋକ ଭ୍ରମରେ ପଡ଼ି ନିଜର କ୍ଷତି କରନ୍ତି । ଏହାକୁ ବିରୋଧ କରିବା ଆବଶ୍ୟକତା ଅଛି । ଏହାର ବିପରୀତ ଆମକୁ ଦରକାର । ବିଜ୍ଞାନକୁ ବୁଝିବା ଓ ମାନିବା ତଥା ସମସ୍ୟାକୁ ମିଳିତ ଭାବେ ସମାଧାନ କରିବାର ପ୍ରୟାସ କରିବା ଆବଶ୍ୟକ ।

ଏହିପରି ସବୁ ବିଷୟରେ ସମାଜକୁ ସଚେତନ କରିବା ପ୍ରଗତିଶୀଳ ସଂଗଠନର ଦାୟିତ୍ୱ ଅଟେ । ଏହି ଉଦ୍ଦେଶ୍ୟରେ ୨୩ ଜୁଲାଇ କ୍ୟାପଟେନ ଲକ୍ଷ୍ମୀ ସହଗଲଙ୍କ ପୁଣ୍ୟତିଥିରୁ ବୈଜ୍ଞାନିକ ମାନସିକତା ଅଭିଯାନ ଆରମ୍ଭ କରାଯାଇଛି । ହରିଆନା ଜ୍ଞାନ ବିଜ୍ଞାନ ସମିତି ତଥା ଗଣତାନ୍ତ୍ରିକ ମହିଳା ସମିତି ମିଳିତ ଉଦ୍ୟମରେ – ଅନ୍ୟ ସାମାଜିକ ସଂସ୍ଥା ଓ ବୁଦ୍ଧିଜୀବୀଙ୍କ ସହଯୋଗରେ ୨୦ ଅଗଷ୍ଟ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ । ୨୦ ଅଗଷ୍ଟ ୨୦୧୩ରେ ବୈଜ୍ଞାନିକ ମାନସିକତାର ଅଗ୍ରଦୂତ ଡ଼. ନରେନ୍ଦ୍ର ଧବଲକର ଙ୍କୁ ହତ୍ୟା କରାଯାଇଥିଲା । ଏହି ଦିନଟିକୁ ବୈଜ୍ଞାନିକ ମାନସିକତା ଦିବସ ରୂପେ ପାଳନ କରାଯାଏ । ଏହି ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଗଣତାନ୍ତ୍ରିକ ଜନବାଦୀ ମହିଳା ସମିତି ଓ AIPSN ୨୭ ଦିନର ସଂଯୁକ୍ତ ଅଭିଯାନ ପାଳନ କରିବାର ଯୋଜନା କରିଛନ୍ତି ।

---

## ନିବେଦକ

---

ALL INDIA PEOPLES SCIENCE NETWORK
AIPSN

BHARAT GYAN VIGYAN SAMITI
ORISSA

AIDWA